**ମଙ୍ଗଳା ମନ୍ଦିରରେ ଚନ୍ଦନ ଯାତ୍ରା ଆରମ୍ଭ**

ଅସ୍ତରଙ୍ଗ,(ମମତା ଜେନା)- କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠରେ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ପୁରୀ ଶ୍ରୀମନ୍ଦିର ଭଳି ବାର ମାସରେ ତେର ପର୍ବ ପାଳିତ ହୋଇଥାଏ। ତନ୍ମଧ୍ୟରୁ ଚନ୍ଦନ ଯାତ୍ରା ଅନ୍ୟତମ। ଏହା ଅକ୍ଷୟତୃତୀୟା ଠାରୁ ଆରମ୍ଭ ହୋଇ ହଳଦୀ ପାଣିରେ ସମାପ୍ତ ହୋଇଥାଏ। ପ୍ରତ୍ୟହ ସନ୍ଧ୍ୟା ଆଳତୀ ପରେ ବେଢ଼ାରେ ଥିବା ରାଧାକୃଷ୍ଣ ଜୀଉଙ୍କୁ ଏକ ସୁସଜ୍ଜିତ ମଣି ବିମାନରେ ବସାଯାଇ ଘଣ୍ଟ, ଘଣ୍ଟା, ମର୍ଦ୍ଦଳ, ଢୋଲ, ମହୁରୀ ଆଦି ପାରମ୍ପରିକ ବାଦ୍ୟ ବଜାଯାଇ ନିକଟସ୍ଥ ପ୍ରାଚୀ ନଦୀର ଚନ୍ଦନ ଘାଟକୁ ନିଆଯାଇଥାଏ। ସେଠାରେ ଜୀଉମାନଙ୍କୁ ଚନ୍ଦନ, କର୍ପୁର, ଚୁଆ, ହଳଦୀ, କସ୍ତୁରୀ ଆଦି ମିଶ୍ରିତ ପାଣିରେ ସ୍ନାନ କରାଯିବା ପରେ ବାଳ ଧୂପ କରାଯାଇ ବନ୍ଦାପନା କରାଯାଇଥାଏ। ପରେ ପରେ ଶ୍ରୀଜିଉମାନଙ୍କୁ ଏକ ଡଙ୍ଗାରେ ବସାଇ ଚାପ ଖେଳାଯାଇଥାଏ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୪।୨୦୨୬

| | |
|---|---|
| ୧୧,୧୬,୪୮୩ ଟଙ୍କା | |
| ସୁନା | ୧.୫୦୦ ଗ୍ରାମ୍ |
| ରୁପା | ୬୫ ଗ୍ରାମ୍ |

# ସାଢ଼େ ତିନି ମାସ ପୂରିଲା, ଅଧାରେ ଅଟକିଛି ଉଚ୍ଛେଦ କାର୍ଯ୍ୟ

ଗୋପ,୨୦।୪(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବଜାର ଉଚ୍ଛେଦ କାର୍ଯ୍ୟକୁ ସାଢ଼େ ତିନିମାସ ପୂରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଆଉ କେତେକ ସ୍ଥାନରେ ଉଚ୍ଛେଦ କାର୍ଯ୍ୟ ଶେଷ ହୋଇନାହିଁ। ବାରମ୍ବାର ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ ଉଚ୍ଛେଦ କରାଯିବ ବୋଲି ସୂଚନା ମିଳିଥିଲେ ସୁଦ୍ଧା ଶେଷ ମୁହୂର୍ତ୍ତରେ ଏହାକୁ ବନ୍ଦ କରାଯାଉଛି। ସରକାର ରାସ୍ତା ସମ୍ପ୍ରସାରଣ ହେବାପାଇଁ ଏପରି ଏକ ଉଚ୍ଛେଦ କାର୍ଯ୍ୟ ହାତକୁ ନେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବିକାଶର ଚିତ୍ର ଦେଖାଯାଉ ନ ଥିବା ଜଣାପଡ଼ିଥିବା ବେଳେ ଶତାଧିକ ବ୍ୟବସାୟୀ ନିଜର ଜୀବିକା ହରାଇ ବାରଦୁଆର ଶୁଙ୍ଘିପିଣ୍ଡା ହେଉଥିବା ଭଳି ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଜାନୁଆରୀ ୫/୬ ତାରିଖରେ ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶଙ୍କ ନେତୃତ୍ୱରେ ପୋଲିସ ଟିମ୍ ସହିତ ଏହି ଉଚ୍ଛେଦ ଆରମ୍ଭ ହୋଇଥିଲା। ଗୋପ ମୁଖ୍ୟ ବଜାର ସହିତ ଗୋପ-ଚାରିଛକ ରାସ୍ତା, ଗୋପ-ବାଲିଘାଇ ରାସ୍ତା, କୋଣାର୍କ-ଗୋପ ରାସ୍ତାରେ ଥିବା ଦୋକାନ ସହିତ କେତେକ ବାସଗୃହ ଉଚ୍ଛେଦ କରାଯାଇଥିଲା। କିନ୍ତୁ ଗୋପ - ପିପିଲି ରାସ୍ତାରେ ଉଚ୍ଛେଦ କରାଯିବ ବୋଲି ତହସିଲ ଅଫିସ ପକ୍ଷରୁ ନିର୍ଦ୍ଦେଶ ଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ହୋଇପାରି ନାହିଁ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଗୋପ ବଜାର ସହିତ ନାଗପୁର ଭଳି ବ୍ୟବସାୟିକ ପେଣ୍ଠସ୍ଥଳୀରେ ଥିବା ଶହ ଶହ ବ୍ୟବସାୟୀଙ୍କ ଦୋକାନ ବଜାର ଭାଙ୍ଗିଥିବା ବେଳେ ସେମାନଙ୍କୁ ଥଇଥାନ କରିପାରିନାହିଁ। ଏହାକୁ ନେଇ ଏବେ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦୀର୍ଘ ମାସ ଧରି ଅଧାପନ୍ତରିଆ ଭାବେ ବଜାର ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିବା ଯୋଗୁ ପୁଣି ରାସ୍ତା କଡ଼ରେ ଜବରଦଖଲ ବୃଦ୍ଧି ପାଇଛି। ଏହି ଉଚ୍ଛେଦ ସମୟରେ ଗୋପ-ଚାରିଛକ ରାସ୍ତାରେ ୩ଟି ବଡ଼ ଚାକୁଣ୍ଡା ଗଛ ରହି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବା ବେଳେ ଜଙ୍ଗଲ ବିଭାଗ ପକ୍ଷରୁ ଏହାକୁ କାଟିବା ପରେ ଟ୍ରାଫିକ ସମସ୍ୟା ଦୂର ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଦୈନନ୍ଦିନ ପୁରୀ-କୋଣାର୍କ ବୁଲି ଯାଉଥିବା ଦେଶବିଦେଶର ପର୍ଯ୍ୟଟକମାନେ ମଧ୍ୟ ଟ୍ରାଫିକ ସମସ୍ୟାରୁ ମୁକ୍ତି ପାଇଛନ୍ତି। ଏପରି ଉଚ୍ଛେଦ କାର୍ଯ୍ୟ ସମ୍ପର୍କରେ ତହସିଲଦାର ସୂର୍ଯ୍ୟଶଙ୍କର ଦାଶ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଛେଦ କରାଯାଇଛି। ସରକାରୀ କାର୍ଯ୍ୟ ଯୋଗୁ ବିଭିନ୍ନ ବିଭାଗ ପକ୍ଷରୁ ସୂଚନା ମିଳିବା ପରେ ଅନ୍ୟ ସ୍ଥାନରେ ବେଆଇନ ଭାବେ ଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି।

## ଚନ୍ଦନ ଚର୍ଚ୍ଚିତ ବେଶରେ ଦର୍ଶନ ଦେଲେ ସାକ୍ଷୀଗୋପାଳ



ଚାପ ଖେଳିବା ପାଇଁ ଠାକୁର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରୁଛନ୍ତି ।

ସାକ୍ଷୀଗୋପାଳ,୨୦।୪ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସାକ୍ଷୀଗୋପାଳ ଠାକୁରଙ୍କ ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ସୋମବାର ଆରମ୍ଭ ହୋଇଛି। ଦୈନନ୍ଦିନ ଦେବନୀତି ସହିତ ସାକ୍ଷୀଗୋପାଳ ଠାକୁର ଚନ୍ଦନ ଚର୍ଚ୍ଚିତ ବେଶରେ ଦର୍ଶନ ଦେଇଛନ୍ତି। ଚନ୍ଦନ ବେଢା, ଆଲଟଲାଗି, ପଣାଭୋଗ, ଜାତଭୋଗ, ଉପଚାର ପରେ ବିଜେ ପ୍ରତିମା ମଦନ ମୋହନ ବିମାନକୁ ବିଜେ କରିଥିଲେ। ଚନ୍ଦନ ମଣ୍ଡପରେ ସଂସ୍କାର ହୋମ କରାଯାଇଥିଲା। ଛତି, ତ୍ରାସ, ରେଖ, ଘଣ୍ଟ, କାହାଳୀ, ତେଲିଙ୍ଗି ବାଜା ବଜାଇ ହରିରାମ ସଂକୀର୍ତ୍ତନ, ଗୋଟିପୁଅ ନୃତ୍ୟ ସହ ବିଜେ ପ୍ରତିମା ମଦନମୋହନଙ୍କୁ ଶୋଭାଯାତ୍ରାରେ ଚନ୍ଦନ ମଣ୍ଡପକୁ ଅଣାଯାଇଥିଲା। ଜଳଲାଗି ନୀତି କରାଯାଇ ମଦନମୋହନଙ୍କୁ ପୂଜାପଣ୍ଡା ଓ ସିଂହାରୀ ସେବକ ଚାପକୁ ବିଜେ କରିବା ପରେ ଦିନ ଚାପଖେଳ ଅପରାହ୍ନ ପରିବର୍ତ୍ତେ ନୀତି ବିଳମ୍ବ ଯୋଗୁ ଦିନ ଚାପ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଚନ୍ଦନ ସ୍ନାନ, ବେଶ, ଟାହିଆ ଲାଗି, ଜାତଭୋଗ ସହିତ ପରମ୍ପରାକ୍ରମେ ସନ୍ଧ୍ୟାରେ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ରାତି ଚାପଖେଳ ସରିବା ପରେ ପନ୍ତିଭୋଗ ଓ ପଟୁଆରରେ ଠାକୁର ମନ୍ଦିରକୁ ଫେରିଥିଲେ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବିଜେ ଦାଣ୍ଡରେ ଛାମୁଣ୍ଡିଆ, ଚନ୍ଦନ ପୋଖରୀରେ ଚାପ ଡଙ୍ଗା ପ୍ରସ୍ତୁତ, ସଫେଇ କାମ କରାଯାଇଥିବା ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି କହିଛନ୍ତି। ଚଳିତ ବର୍ଷ ୧୮ ପାଳି, ୧୯ ପାଳି, ଭଉଁରି ଓ ହଳଦୀ ପାଣିକୁ ଅଧିକ ଆକର୍ଷଣୀୟ କରାଯିବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ମନ୍ଦିର ଠାରେ ରଥ କାଠ ଅନୁକୂଳ

କୋଣାର୍କ,୨୦।୪(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ଆନୁକୂଲ୍ୟରେ ରାଜାରାମ ମଠ ପରିସରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ଠାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରଥକାଠ ଅନୁକୂଳ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ବୋର୍ଡର ସଭାପତି ଇଂ ଅମରେଶ୍ୱର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଥ ନିର୍ମାଣ ନିମନ୍ତେ ରଥକାଠ ଅନୁକୂଳ ଅବସରରେ ମନ୍ଦିର ପରିସରରେ ପୂଜକ ବ୍ୟୋମକେଶ ପଣ୍ଡା ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି ସମ୍ପାଦନ କରିଥିଲେ। ମନ୍ଦିର ପୂଜକଙ୍କ ପୂଜାର୍ଚ୍ଚନା ପରେ ମହାରଣା ସେବକମାନେ ରଥକାଠ ଅନୁକୂଳ ହୋଇଥିଲା। କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ମୁଖ୍ୟ ପରିଚାଳକ ନିରଞ୍ଜନ ବାରିକ, ସଦସ୍ୟ ଶିଶିର ସେଠି, ଗୋପାଳ ଦାଶ, ଗଗନ ପାତ୍ର, ସୁମନ୍ତ ବେଉରା, ପପିଞ୍ଜନ ନାୟକ, ଧୁଶାସନ ନାୟକ ଓ ସଂଗ୍ରାମ କେଶରୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ବାଳାଶ୍ରମରେ ବିବାହ ବାର୍ଷିକୀ ପାଳିଲେ ଇଞ୍ଜିନିୟର ଦମ୍ପତି

ପୁରୀ,୨୦।୪(ଅଜିତ୍ କୁମାର ମହାନ୍ତି)

ଭୁବନେଶ୍ୱରରେ କାର୍ଯ୍ୟରତ ଇଞ୍ଜିନିୟର ଦମ୍ପତି ତାଙ୍କର ବିବାହ ପ୍ରଥମ ବାର୍ଷିକୀ ପୁରୀ ନରେନ୍ଦ୍ରକୋଣ ସ୍ଥିତ ଉତ୍କଳ ବାଳାଶ୍ରମରେ ପାଳନ କରିଛନ୍ତି। ଇଂ. ବିଜୟାଭାରତୀ ମିଶ୍ର ଓ ଇଂ ସ୍ମୃତି ରଞ୍ଜନ ପଣ୍ଡାଙ୍କ ଏଭଳି ମାନସିକତାକୁ ଆଗ୍ରହର ସହିତ ଗ୍ରହଣ କରି ସାକାର କରାଇଛନ୍ତି ଜିଲା ସମାଜ କଲ୍ୟାଣ ଅଧିକାରିଣୀ ତନୁପ୍ରଭା ବେଉରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ପ୍ରୋଗ୍ରାମ ଅଧିକାରୀ ଶୁଭ ନାରାୟଣ ଶତପଥୀ। ବାଳାଶ୍ରମର ଅନ୍ତେବାସୀଙ୍କ ସହ ଉକ୍ତ ଦମ୍ପତି ଉଭୟଙ୍କ ପିତାମାତାଙ୍କ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ପ୍ରାୟ ୩ ଘଣ୍ଟା ଅତିବାହିତ କରିଥିବା ବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅତିଥି ଭାବେ ଯୋଗଦେଇ ଦମ୍ପତିଙ୍କ ମାନସିକତାକୁ ପ୍ରଶଂସା କରିଥିଲେ। ଜିଲା ଶିଶୁ ମଙ୍ଗଳ କମିଟିର ସଦସ୍ୟଙ୍କ ଉପସ୍ଥିତିରେ ଇଞ୍ଜିନିୟର ଦମ୍ପତି ବାଳାଶ୍ରମ ପରିସରରେ ୨ଟି ଆମ୍ବ ଗଛ ଲଗାଇଥିଲେ।

### ନୀଳାଚଳ ସାରସ୍ୱତ ସଂଘର ବାର୍ଷିକ ଉତ୍ସବ

ନିମାପଡ଼ା,୨୦।୪(ବିଚିତ୍ରାନନ୍ଦ ସାହୁ)

ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଂଘ, ନିମାପଡ଼ା ଶାଖା ସଂଘର ବାର୍ଷିକ ଉତ୍ସବ ଓ ଅକ୍ଷୟତୃତୀୟା ସମାରୋହ ନିମାପଡ଼ା ସାରସ୍ୱତ ସଂଘଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାମୂହିକ ପ୍ରାର୍ଥନା ସଭା, ଜାଗରଣ, ପ୍ରତୀକ୍ଷାଗାନ ଷୋଡ଼ଶ ଉପଚାର ପୂଜା, ଆରତି, ସ୍ତୋତ୍ରବନ୍ଦନା, ଶାସ୍ତ୍ର ଆଲୋଚନା, ଜୟଗୁରୁ କୀର୍ତ୍ତନ, ଗୁରୁ ଗୀତାପାଠ, ଭାବବିନିମୟ ଭକ୍ତ ସମାବେଶ ଆଦି କାର୍ଯ୍ୟକ୍ରମ ଯଥାବିଧି ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଅତିଥି ଭାବେ ନୀଳାଚଳ ସାରସ୍ୱତ ସଂଘ ପୁରୀର ପରିଚାଳକ ଶରତ ଚନ୍ଦ୍ର ସିଂଦେଓ, ଉପସଭାପତି କୀର୍ତ୍ତନ ବିହାରୀ ପାତ୍ର, ମୁଖ୍ୟ ପୂଜକ ସୁରେଶ ସେନାପତି, ପରାମର୍ଶଦାତା ମଣ୍ଡଳୀ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ନିମାପଡ଼ା ଶାଖା ସଭାପତି ରବୀନ୍ଦ୍ର ନାୟକ, ଉପସଭାପତି ନିଗମାନନ୍ଦ ସାହୁ, ସମ୍ପାଦକ ଚନ୍ଦ୍ରଶେଖର ମହାନ୍ତି, ସହସମ୍ପାଦକ ଯୋଗଜନ୍ମା ସାହୁ, କୋଷାଧ୍ୟକ୍ଷ ଅବିନାଶ ନାୟକ ପ୍ରମୁଖ ଯୋଗଦେଇଥିଲେ।



ପୁରୀ ପୌର ସଦନ ପରିସରରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ କଳା ବିକାଶ ପକ୍ଷରୁ ଅନୁଷ୍ଠିତ ସ୍କିଲ ଫେଷ୍ଟରେ ପୁରସ୍କୃତ ହୋଇଥିବା ଶିଶୁ କଳାକାରମାନେ।

## ପଞ୍ଚସଖା କୃଷକ ମହାସଂଘର ଅଖିମୁଠି ଅନୁକୂଳ

ସାକ୍ଷୀଗୋପାଳ,୨୦।୪(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସ୍ଥାନୀୟ ଆଳସରଙ୍ଗ ବିଲହରଚଣ୍ଡୀ ମେଳଣ ପଡ଼ିଆଠାରେ ପଞ୍ଚସଖା କୃଷକ ମହାସଂଘ ପକ୍ଷରୁ ଅଖିମୁଠି ଅନୁକୂଳ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଡା. ସମ୍ବିତ୍ ପାତ୍ର, ସମ୍ମାନିତ ଅତିଥି ଭାବେ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ସମେତ ବିଭିନ୍ନ ନେତୃବୃନ୍ଦ ଯୋଗଦେଇଥିଲେ। ଆଇନଜୀବୀ ବିନୟ ନୃସିଂହ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପାଣି ପଞ୍ଚାୟତ ମାଧ୍ୟମରେ ଚାଷୀଙ୍କୁ ସମୃଦ୍ଧ କରିବା ଏବଂ ଚାଷୀଙ୍କୁ ଚାଷର ହକ୍ ଦେବା ଉପରେ ସରକାର ସଙ୍କଳବଦ୍ଧ ବୋଲି ଅତିଥିମାନେ କହିଥିଲେ। ମୁଖ୍ୟମନ୍ତ୍ରୀ ସତ୍ୟବାଦୀ ଅଞ୍ଚଳର କୃଷି, ଜଳସେଚନ ଓ ଜଳ ନିଷ୍କାସନ ପାଇଁ ୧୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି ବିଧାୟକ ମିଶ୍ର ସୂଚନା ଦେଇଛନ୍ତି। ମହାସଂଘ ସଭାପତି ନରେନ୍ଦ୍ର କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳଙ୍କ ସମେତ ଆମ୍ବା ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ବେହେରା, ଚିନ୍ମୟୀ ରାଉତ, ସନ୍ତୋଷ ବେହେରା, ଶଙ୍କର୍ଷଣ ପ୍ରଧାନ, ଭାସ୍କର ନାୟକ, ଉଗ୍ରସେନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

# ପେଟ୍ରୋଲ ଢାଳି ମା'-ପୁଅଙ୍କ ଆତ୍ମହତ୍ୟା ଉଦ୍ୟମ

ନିମାପଡ଼ା,୨୦।୪ (ବିଚିତ୍ରାନନ୍ଦ ସାହୁ)



ବ୍ଲକ କାର୍ଯ୍ୟାଳୟ ପରିସରରେ ମା, ପୁଅ ଆତ୍ମହତ୍ୟା କରିବାକୁ ବସିଛନ୍ତି।

ନିମାପଡ଼ା ବ୍ଲକ ଅନ୍ତର୍ଗତ ଭୋଦର ଗ୍ରାମର ସତ୍ୟଭାମା ମଲ୍ଲିକ (୫୫) ଓ ତାଙ୍କ ପୁଅ ଟୁଲୁ ମଲ୍ଲିକ (୩୫) ଉଭୟ ମା'-ପୁଅ ସୋମବାର ବ୍ଲକ କାର୍ଯ୍ୟାଳୟ ପରିସରରେ ପେଟ୍ରୋଲ ଢାଳିହୋଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଖବରପାଇ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ତତ୍କ୍ଷଣାତ ଘଟଣାସ୍ଥଳରେ ପହଞ୍ଚି ମା, ପୁଅଙ୍କୁ କାବୁକରି ନେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇବାରୁ ବଞ୍ଚିତ ହୋଇ ବାରମ୍ବାର ପୂର୍ବତନ ଜିଲାପାଳ, ବିଡିଓଙ୍କ ସମେତ ଜିଲା ଓ ବ୍ଲକ ପ୍ରଶାସନ ପାଖକୁ ଦୌଡ଼ି ଦୌଡ଼ି ନିରାଶ ହେବାରୁ ଶେଷରେ ମା' ସତ୍ୟଭାମା ମଲ୍ଲିକ ଓ ପୁଅ ଟୁଲୁ ମଲ୍ଲିକ ବ୍ଲକ କାର୍ଯ୍ୟାଳୟ ପରିସରରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଅତିରିକ୍ତ ଜିଲାପାଳ(ପ୍ରୋଟକଲ) ନୀଳମାଧବ ଭୋଇ ଓ ବ୍ଲକର ପ୍ରଶାସନିକ ଅଧିକାରୀମାନେ ମା'-ପୁଅଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରି ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ମା' ସତ୍ୟଭାମା ଓ ପୁଅ ଟୁଲୁ ମଲ୍ଲିକ ଏଭଳି ଅଭାବନୀୟ ଘଟଣା ଘଟାଇବାରୁ ନିବୃତ୍ତ ହୋଇଥିଲେ। ବ୍ଲକ କାର୍ଯ୍ୟାଳୟଠାରେ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଚାଲିଥିବାବେଳେ ମା'-ପୁଅଙ୍କ ଏଭଳି ଅଭିନବ ପ୍ରତିବାଦ ବିଭିନ୍ନ ମହଲରେ ଘୋର ଆଲୋଡ଼ନ ସୃଷ୍ଟି କରିଥିବାବେଳେ ବ୍ଲକ କାର୍ଯ୍ୟାଳୟରେ ଥିବା ଜନପ୍ରତିନିଧି ଓ ସାଧାରଣ ଲୋକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି।

## ସନ୍ତାନସନ୍ତତିଙ୍କ ମଙ୍ଗଳ ପାଇଁ ଘଡ଼ିପଥୁଲି ପୂଜା



ପୁରୀ,୨୦।୪(ଅଜିତ୍ କୁମାର ମହାନ୍ତି)

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ବା ଅକ୍ଷୟ ତୃତୀୟା ଅବସରରେ ସୋମବାର ଶ୍ରୀକ୍ଷେତ୍ରରେ ଘଡ଼ିପଥୁଲି ପୂଜା କରାଯାଇଛି। ବିଶେଷକରି ପୁରୀରେ ବାସ କରୁଥିବା ସେବକ, ବ୍ରାହ୍ମଣ ଏବଂ ଅନେକ ଗୃହସ୍ଥ ପରିବାରରେ ଘଡ଼ି ପଥୁଲି ପୂଜା କରାଯାଇଥିଲା। ମା'ମାନେ ନିଜ ସନ୍ତାନ ସନ୍ତତିଙ୍କ ମଙ୍ଗଳ କାମନା କରି ଏହି ପୂଜା କରିଥିଲେ। ମା' ଷଷ୍ଠୀ ଦେବୀଙ୍କ ନିକଟରେ ଘଡ଼ିପଥୁଲି ପୂଜା ହେବା ପରେ ସେଗୁଡ଼ିକୁ କୁନି କୁନି ପିଲାଙ୍କ ମଧ୍ୟରେ ବଣ୍ଟାଯାଇଥିଲା। ଅକ୍ଷୟତୃତୀୟା ପୂର୍ବଦିନ ମାଟି ନିର୍ମିତ ଘଡ଼ିପଥୁଲିରେ ଚୂନ, ଅଳତା ଏବଂ ବିଭିନ୍ନ ରଙ୍ଗ ଲଗାଯାଇ ତାକୁ ଚିତ୍ରବିଚିତ୍ର କରାଯାଇଥିଲା। ଅକ୍ଷୟତୃତୀୟା ଦିନ ଘରର ଠାକୁର ଘରେ ପଞ୍ଚ ମୁରୁଜରେ କୋଷ୍ଠି କଟାଯାଇ ତା' ମଧ୍ୟରେ ଘଡ଼ିପଥୁଲିଗୁଡ଼ିକୁ ରଖାଯାଇଥିଲା। ଘଡ଼ିପଥୁଲିରେ ଚୁଡ଼ାଭଜା, ଖଇ, ନଡ଼ିଆ, ଆମ୍ବ, ତାଳ ଖଣ୍ଡଘୋଡ଼ା, ବିଭିନ୍ନ ପ୍ରକାର ଫଳ ଓ ଖେଳନା କଣ୍ଢେଇ ରଖାଯାଇ ମା' ଷଷ୍ଠୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ପୂଜା କଲେ ସନ୍ତାନ ସନ୍ତତିଙ୍କ ଆୟୁଷ ବଢିବା ସହ ଘରେ ମା' ଲକ୍ଷ୍ମୀ ବାସ କରିଥାନ୍ତି ବୋଲି ବିଶ୍ୱାସ ରହିଛି।

**ଶ୍ରୀକ୍ଷେତ୍ରର ନିଆରା ପରମ୍ପରା**

# ଏକତା ରହିଲେ ପଞ୍ଚାୟତ ଦଖଲ କରି ହେବ

ଗୋପ,୨୦।୪(ଭାରତୀ ଭୂଷଣ ଉପାଧ୍ୟାୟ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପୟରା ପଞ୍ଚାୟତରେ ଭାଜପାର ସାଂଗଠନିକ ବୈଠକ ଆରମ୍ଭ ହୋଇଛି। ଏକତା ଦ୍ୱାରା ଓ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱକୁ ନେଇ ଭାଜପା ନିଶ୍ଚିତ ଭାବେ ପଞ୍ଚାୟତ ଦଖଲ କରିବ ବୋଲି ନେତୃତ୍ୱ ଏବଂ କର୍ମୀମାନେ ମତବ୍ୟକ୍ତ କରିଛନ୍ତି। ପୟରା ପଞ୍ଚାୟତ ସ୍ଥିତ ଗୋଠଚୈକୋ ମା' ଜାଗଳାଇ ପୀଠରେ ଆୟୋଜିତ ସାଂଗଠନିକ ବୈଠକ ପଞ୍ଚାୟତର ଭାଜପା ନେତା ଧର୍ମେନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକସ୍ତରୀୟ ଭାଜପାର ଆବାହକ ପ୍ରକାଶ ଚନ୍ଦ୍ର ପ୍ରଧାନ, ଯୁବ ନେତୃତ୍ୱ ତଥା ବ୍ଲକ ସହ ଆବାହକ ମନଦୀପ ପାଇକରାୟ ଯୋଗଦେଇ ଦଳ ଯେପରି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏକାଠି ହୋଇ କାମ କରିବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ତତ୍‌ସହିତ ପୟରା ପଞ୍ଚାୟତ ନେତୃତ୍ୱ ସୁନୀଲ କୁମାର ପାତ୍ରଙ୍କ ନେତୃତ୍ୱରେ ଦଳ କାର୍ଯ୍ୟ କରିବ ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ସରଦୀପ ବେହେରା, ଚିନ୍ମୟୀ ନାୟକ, ଚନ୍ଦନ କୁମାର ଓଝା ଓ ଚିକୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଯୋଗ ଦେଇଥିବା ଭାଜପା କର୍ମୀମାନେ ।

## ଦେଉଳି ମଠରେ ଅକ୍ଷୟତୃତୀୟା

ଅସ୍ତରଙ୍ଗ,୨୦।୪(ମମତା ଜେନା)

ଅକ୍ଷୟ ତୃତୀୟା ଅବସରରେ ଦେଉଳି ମଠ ଅଧୀନରେ ଥିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିରେ ବୈଦିକ ରୀତିରେ ମନ୍ତ୍ର ଉଚାରଣ ସହ ଭୂମିପୂଜନ ଓ ବିହନ ଅନୁକୂଳ ହୋଇଥିଲା। ମଠର ବଳଦ ଜଗାବଳିଆଙ୍କ ଦ୍ୱାରା ପାରମ୍ପରିକ ହଳ ଲଙ୍ଗଳ ସାହାର୍ଯ୍ୟରେ ଅନ୍ତେବାସୀମାନେ ଚାଷକାର୍ଯ୍ୟ ଆରମ୍ଭ କରିବା ସହ ରାସାୟନିକ ସାର କୀଟନାଶକ ବନ୍ଦ କରି ପାରମ୍ପରିକ ଗୋ ଆଧାରିତ ଜୈବିକ କୃଷି ଆପଣେଇବାକୁ ଓଡ଼ିଆ ଭକ୍ତ ସମାଜକୁ ଆହ୍ୱାନ ଦେଇଛନ୍ତି। ମଠର ମୁଖ୍ୟ ପୂଜକ ମିତୁରଞ୍ଜନ ଦୀକ୍ଷିତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ଦେଉଳି ମଠ ଡେଭଲପମେଣ୍ଟ ଚାରିଟେବୁଲ ଟ୍ରଷ୍ଟର ସଭାପତି କାଳୀପ୍ରସାଦ ସ୍ୱାଇଁ, ଉପସଭାପତି ଯୋଗେନ୍ଦ୍ର ଦାସ, ପ୍ରଭାସ ପୃଷ୍ଟି, ମଙ୍ଗୁଳି କାଣ୍ଡି, ବାବୁ କାଣ୍ଡି, ସାଗର ଦାସ ପ୍ରମୁଖ ଟ୍ରଷ୍ଟର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

## ବଟବୃକ୍ଷ, ଅଶ୍ୱତ୍ଥ ବୃକ୍ଷ ବିବାହ ସମ୍ପନ୍ନ

ଚାରିଛକ,୨୦।୪(ଶିଶିର କୁମାର ସ୍ୱାଇଁ)

ଅକ୍ଷୟ ତୃତୀୟା ଅବସରରେ ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଭଇଞ୍ଚି ଗୋରଡ଼ି ଗ୍ରାମରେ ଏକ ବଟବୃକ୍ଷ ସହ ଅଶ୍ୱତ୍ଥ ବୃକ୍ଷ ସହ ବିବାହ ସମ୍ପନ୍ନ ହୋଇଛି। ହିନ୍ଦୁ ପ୍ରଥା ଅନୁଯାୟୀ ପୁଅ ଝିଅଙ୍କ ବିବାହ ଭଳି ବଟବୃକ୍ଷ ସହିତ ଅଶ୍ୱତ୍ଥ ବୃକ୍ଷ ବିବାହ ହୋଇଥିଲା। ପୂଜକ ଅକ୍ଷୟ ମିଶ୍ର, ସନ୍ତୋଷ ମିଶ୍ର, ଜନ୍ମେଜୟ ମିଶ୍ର, ନୃସିଂହ ମିଶ୍ର ଓ ପ୍ରମୋଦ ମିଶ୍ର ପ୍ରମୁଖ ଯଥା ରୀତିନୀତି ଅନୁସାରେ ବିବାହ କାର୍ଯ୍ୟ ଆରମ୍ଭ କରିଥିଲେ। ଭରତ ବାରିକ, ସୁକାନ୍ତି ବାରିକ, ଗଙ୍ଗାଧର ସାହୁ, ତପସ୍ୱିନୀ ସାହୁ ବିବାହ କାର୍ଯ୍ୟରେ ଯୋଗ ଦେଇଥିଲେ। ଉତ୍ସବରେ ରାଜକିଶୋର ସାହୁ, ବିଶ୍ୱନାଥ ସାହୁ, ଚିତ୍ତରଞ୍ଜନ ବାରିକ, ଅନୀଲ ନାୟକ, ଚିନ୍ମୟ ଗୁରୁ, ଅଶୋକ ସାହୁ, ଦିଲ୍ଲୀପ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରାଚୀଗୁରୁ ଧର୍ମକ୍ଷେତ୍ରରେ ରାଜ୍ୟସ୍ତରୀୟ ଭକ୍ତ ସମ୍ମିଳନୀ

ଯୋଗେଶ୍ୱରପୁର,୨୦।୪(ରଶ୍ମିରଞ୍ଜନ ସାହୁ)

ନୟାହାଟସ୍ଥିତ ପ୍ରାଚୀଗୁରୁ ଧର୍ମକ୍ଷେତ୍ର ପରିସରରେ ରାଜ୍ୟସ୍ତରୀୟ ୬୦ତମ ବାର୍ଷିକ ଗୁରୁଭକ୍ତ ସମ୍ମିଳନୀ ସୋମବାର ଅକ୍ଷୟତୃତୀୟା ତିଥିରେ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ସମୂହ ବିଶ୍ୱ ଶାନ୍ତି ପ୍ରାର୍ଥନା ପରେ ଆଶ୍ରମରେ ଥିବା ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଶକୁନ୍ତଳା ଦାଶ, ପ୍ୟାରୀମୋହନ ସାହୁ, ସୁଚେତା ଦାସ ଭଜନ ଗାନ କରିଥିଲେ। ସେଠାରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା, ବନ୍ଦାପନା କରିଥଲେ। ସବିତା ଦାସ ବନ୍ଦାପନା ଗୀତ ଗାନ କରିଥିଲେ। ବାବାଜୀ ଦାମୋଦର ଦାସଙ୍କ ସଭାପତିତ୍ୱରେ ବାବାଜୀ ଅରକ୍ଷିତ ଦାସ ମହାରାଜ, ବାବାଜୀ ଉଦୟନାଥ ମହାରାଜ, ବାବାଜୀ ସତ୍ୟାନନ୍ଦ ଦାସ, ବାବାଜୀ ଦିବାକର ଦାସ, ବାବାଜୀ ଚିତ୍ତବିନୋଦ ଦାସ, ବାବାଜୀ ଦିବ୍ୟକୃଷ୍ଣ ଦାସ, ବାବାଜୀ ପୂର୍ଣ୍ଣାନନ୍ଦ ଦାସ, ବାବାଜୀ ସଞ୍ଜୟ ଦାସ, ବାବାଜୀ ଆତ୍ମାକୃଷ୍ଣ ଦାସ, ବାବାଜୀ ଗଙ୍ଗାଧର ଦାସ ପ୍ରମୁଖ ଏହି ସମ୍ମିଳନୀରେ ଯୋଗଦେଇଥିଲେ। ହଜାର ହଜାର ଭକ୍ତଙ୍କ ନିମନ୍ତେ ଦହିପାଣିର ବ୍ୟବସ୍ଥା କରାଯାଇଛି।



ଗୁରୁଭକ୍ତି ସମ୍ମିଳନୀରେ ଯୋଗ ଦେଇଥିବା ସାଧୁସନ୍ଥମାନେ ।

# ସାଦ୍ୟାନ୍ତ ଶତପଥୀଙ୍କୁ ଏକଲବ୍ୟ ସମ୍ମାନ

**ଏକଲବ୍ୟ ପାଠଶାଳାର ୫ମ ବାର୍ଷିକ ଉତ୍ସବ 'ଉମଙ୍ଗ'**

ପୁରୀ,୨୦।୪(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍ୱେଚ୍ଛାସେବୀ ସଂଗଠନ ସାମୁଖ୍ୟ ଦି ବେଲ୍ ଦ୍ୱାରା ପରିଚାଳିତ ସହର ତଳି ଅଞ୍ଚଳ ଶିଶୁଙ୍କ ସାମଗ୍ରିକ ବିକାଶ ପାଇଁ ସ୍ଥାପିତ ଏକଲବ୍ୟ ପାଠଶାଳାର ୫ମ ବାର୍ଷିକ ଉତ୍ସବ ଉମଙ୍ଗ ଅନୁଷ୍ଠିତ ହୋଇଯାଇଛି। ବଳିଆପଣ୍ଡାସ୍ଥିତ ଭାରତ ଯୋଗକେନ୍ଦ୍ର ପରିସରରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

ଦି ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଭାରତ ଯୋଗ କେନ୍ଦ୍ର ସମ୍ପାଦକ ରମାବଲ୍ଲଭ ମହାପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. କଲ୍ୟାଣୀ ନନ୍ଦୀ, ସମାଜିକ କର୍ମୀ ସରସ୍ୱତୀ ପାତ୍ର, ସବିତା ମିଶ୍ର, ବରିଷ୍ଠ ସେବକ ଗୌରୀଶଙ୍କର ସିଂହାରୀ, ଅଧିବକ୍ତା ପ୍ରଶନ୍ନ ଦାସ, ଯୁବ ସାମ୍ବାଦିକ ଚନ୍ଦ୍ର ଶେଖର ପାତ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ କୁନି ସାହିତ୍ୟିକ ସାଦ୍ୟାନ୍ତା ଶତପଥୀଙ୍କୁ ଏକଲବ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିଲୀ ସେଠି ଓ ପ୍ରତ୍ୟାଶା କାନୁନ୍‌ଗୋ ସଂଯୋଜନା କରିଥିଲେ। ଏକଲବ୍ୟ ପାଠଶାଳାର ମୁଖ୍ୟ ପରିଚାଳକ ଉମେଶ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପାଠଶାଳାର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।





ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ପ୍ରତିଭାମାନେ ।

**କଂଗ୍ରେସ ପକ୍ଷରୁ ପଥଚାରୀଙ୍କୁ ପଣା ବଣ୍ଟନ**

କଣ୍ଟାପଡ଼ା,(ସୁରନାରାୟଣ ସାହୁ): କଣ୍ଟପଡ଼ା ପଞ୍ଚାୟତ କଂଗ୍ରେସ ପକ୍ଷରୁ କଣ୍ଟପଡା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଖରାଦିନ ପାଇଁ ଏକ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଣ୍ଟାପଡା ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ଭରତ ବେହେରାଙ୍କ ତତ୍ତ୍ୱାବଧାନରେ କଂଗ୍ରେସ ନେତା କିଶୋର ରାଉତରାୟ, ପଦ୍ମନାଭ ମହାନ୍ତି, ଶିବେନ୍ଦ୍ର ସ୍ୱାଇଁ, ବାମଦେବ ରାଉତ, କ୍ଷେତ୍ରମୋହନ ବେହେରା, ଅନିରୁଦ୍ଧ ମୁଦୁଲି, କଲିମୁଦ୍ଦିନ ସା ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇ ପଥଚାରୀଙ୍କୁ ପଣା ବଣ୍ଟନ କରିଥିଲେ।

## ସଂକ୍ଷେପରେ

### ୭୦ ହଜାର ଟଙ୍କା, ୬ ଗ୍ରାମ୍ ସୁନାଖଣ୍ଡ ଜବତ: ୩ ଗିରଫ

ମଙ୍ଗୁଳି-ଜଗତପୁର,୨୦।୪(ମାନସ ସାମଲ)

ଘରେ ପଶି ସୁନା ଓ ୧ ଲକ୍ଷ ଟଙ୍କା ଚୋରି କରିବା ଅଭିଯୋଗରେ ୩ଜଣ ଯୁବକଙ୍କୁ ଜଗତପୁର ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତପୁର ଥାନା ଅଧୀନ ତୋରଳ ତ୍ରିନାଥ ସାହିର ଚିନ୍ମୟ ଧଳ ଓରଫ ଚିନୁ (୨୭) ଓ ସତ୍ୟଜିତ ଶର୍ମା ଓରଫ ସୋନୁ (୨୨), କନ୍ଦରପୁର ଥାନା ଅଧୀନ ହାଟସାହିର ଟିଟୁ ପାତ୍ର (୩୦)। ନଗଦ ୭୦ ହଜାର ଟଙ୍କା ଓ ୬ ଗ୍ରାମର ସୁନାଖଣ୍ଡ ପୋଲିସ ଜବତ କରିଛି। ତୋରୋଳ ତ୍ରିନାଥ ସାହିର କଳ୍ପନା ପ୍ରଧାନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୨୫/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କଳ୍ପନାଙ୍କ ଅଭିଯୋଗ ମୁତାବକ, ଗତ ୧୦ ତାରିଖରେ ତାଙ୍କ ସ୍ୱାମୀ ଗାଁକୁ ଯାଇଥିଲେ। ଘରେ ତାଙ୍କ ଝିଅ ରାତିରେ ଏକ କୋଠରିରେ ଶୋଇଥିଲେ। ମଧ୍ୟରାତ୍ରିରେ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଅନ୍ୟ କୋଠରିରୁ ୧ ଲକ୍ଷ ଟଙ୍କା ଏବଂ ସୁନା ଅଳଙ୍କାର ଚୋରି କରି ଫେରାର ହୋଇଯାଇଥିଲେ।

### ସୁନ୍ଦରଗ୍ରାମ ହାଇସ୍କୁଲର ପ୍ଲାଟିନମ ଜୁବିଲି ଉଦ୍‌ଯାପିତ

କଣ୍ଟାପଡ଼ା,୨୦।୪(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମ ସରକାରୀ ହାଇସ୍କୁଲର ପ୍ଲାଟିନମ ଜୁବିଲି ସୋମବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପୂର୍ବତନ ଛାତ୍ର ତଥା ପୂର୍ବତନ ମୁଖ୍ୟ ଆୟକର ଆୟୁକ୍ତ କୈଳାସ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସଞ୍ଜୀବ ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ଲାଟିନମ ଜୁବିଲି କମିଟି ସମ୍ପାଦକ ଫଣୀଭୂଷଣ ମହାନ୍ତି ବିଦ୍ୟାଳୟର ସ୍ମୃତିଚାରଣ କରିଥିଲେ। ପ୍ଲାଟିନମ ଜୁବିଲି କମିଟି ସଭାପତି ସୁଶାନ୍ତ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଈତିଶ୍ରୀ ରାଉତ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ବଜ୍ରପାତରେ ପରମହଂସ ନାଥ ମନ୍ଦିର ଦଧିନଉତିରୁ ଖସିଲା ପଥର

କଟକ ସଦର,୨୦।୪(ସୁଶାନ୍ତ କୁମାର ଜେନା)



କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ନାଥ ମନ୍ଦିରରେ ରବିବାର ରାତିରେ ଅଘଟଣ ଘଟିଯାଇଛି। ରାତି ପ୍ରାୟ ୧୦ଟାରେ ବଜ୍ରପାତ ଯୋଗୁ ମନ୍ଦିର ଚୂଡ଼ା ଦଧିନଉତିରୁ ଗୋଟିଏ ପଥର ତଳେ ପଡ଼ି ଭାଙ୍ଗିଯାଇଥିଲା। ସୋମବାର ସକାଳେ ସେବାୟତମାନେ ମନ୍ଦିରକୁ ଆସି ଏପରି ହୋଇଥିବା ଦେଖିବାକୁ ପାଇଥିଲେ। ଏହାଛଡ଼ା ମନ୍ଦିର ଭିତରେ ଥିବା ପଙ୍ଖା ଓ ବିଦ୍ୟୁତ୍ ବଲବ ପୋଡ଼ିଯାଇଛି। ଏହାକୁ କିଛି ଲୋକ ଅଶୁଭ ସଙ୍କେତ ବୋଲି କହୁଥିବା ବେଳେ ଅନେକେ ମନ୍ଦିର ଉପରେ ଥିବା ଆର୍ଥ ତାର କଟିଯାଇଥିବାରୁ ବଜ୍ରପାତରେ ମନ୍ଦିର ଚୂଡ଼ାର କ୍ଷତି ଘଟିଲା ବୋଲି କହୁଛନ୍ତି। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିବା ମନ୍ଦିର ରକ୍ଷଣାବେକ୍ଷଣ ଉପରେ ଦୃଷ୍ଟି ଦେବା ପାଇଁ ପରମହଂସ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅନିରୁଦ୍ଧ ରାଉଳ ଦାବି କରିଛନ୍ତି।

### ଲକ୍ଷ୍ମୀନାରାୟଣଙ୍କ ବାର୍ଷିକୋତ୍ସବ

ଚୌଦ୍ୱାର,୨୦।୪(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୭ ନଂ. ୱାର୍ଡସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ସକାଳୁ କଳସ ବୁଡ଼ା ପରେ ନୀତିକାନ୍ତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ହୋମଯଜ୍ଞରେ ବହୁ ଶ୍ରଦ୍ଧାଳୁ ଘୃତଦାନ କରି ଲକ୍ଷ୍ମୀ ନାରାୟଣଙ୍କ ଅଶୀର୍ବାଦ ଭିକ୍ଷା କରିଥିଲେ। ଗଗନ କୁମାର ସାହୁ ଓ ତାଙ୍କ ପତ୍ନୀ କର୍ତ୍ତା ଓ କର୍ତ୍ତୀ ଭାବେ ହୋମ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପୂଜକ ପତିତପାବନ ମିଶ୍ର ଓ ମାନସ ମିଶ୍ର ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରସାଦ ସେବନରେ ବହୁ ଭକ୍ତ ଯୋଗଦେଇଥିଲେ। ଅମୂଲ୍ୟ ବେହେରା, ଅଜୟ କୁମାର ରାଉତରାୟ, ପ୍ରହ୍ଲାଦ ସାହୁ, ଜୟନ୍ତ ମିଶ୍ର, ଜଗବନ୍ଧୁ ସାହୁ, ସୁଶାନ୍ତ ସାହୁ, କାର୍ତ୍ତିକ ସାହୁ, ବବଲୁ ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଲକ୍ଷ୍ମୀନାରାୟଣଙ୍କ ନୂତନ ଗୃହ ନିମନ୍ତେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କଟକ ବିଦ୍ୟାଧରପୁର କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନରେ ଅକ୍ଷୟତୃତୀୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଅଖିମୁଠି ଅନୁକୂଳ କରୁଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଚାଷୀ, ମହିଳା ଓ ଅନ୍ୟମାନେ। (ଫଟୋ: ରାଜକିଶୋର ମହାନ୍ତି)

# ସବୁଠି ଅଖିମୁଠି ଅନୁକୂଳ | ଜୈବିକ ସାର ବ୍ୟବହାର ଉପରେ ଗୁରୁତ୍ୱ

କଟକ ସଦର,୨୦।୪(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ଦହିଗାଁ ନିକଟରେ କଟକ ସଦର ଉଠା ଜଳସେଚନ ମହାସଂଘ ପକ୍ଷରୁ ଅଖିମୁଠି ଅନୁକୂଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଅଖିମୁଠି ଅନୁକୂଳ କରିଥିଲେ। ଆୟୋଜିତ ସାଧାରଣ ସଭାରେ ପାଣି ପଞ୍ଚାୟତ ମହାସଂଘ ସଭାପତି ରବୀନ୍ଦ୍ର କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କଟକ ସଦର ବ୍ଲକ ଆତ୍ମା ସଭାପତି ରମା ପ୍ରସାଦ ବିଶ୍ୱାଳ, ପୂର୍ବତନ ସମ୍ପାଦକ ସନ୍ତୋଷ କୁମାର ପତି, ସମ୍ପାଦକ ପ୍ରଭାକର ଦାସ, କୋଷାଧ୍ୟକ୍ଷ ମନୋଜ କୁମାର ରାଉତ, ଅବିଭକ୍ତ କଟକ ଜିଲା ସମବାୟ ସଂଯୋଜକ ବିଜୟ କୁମାର ରାଉତରାୟ, ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ଅଶୋକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଖିମୁଠି ଅନୁକୂଳ କରୁଛନ୍ତି।

**କଣ୍ଟାପଡ଼ା,(ସୁରନାରାୟଣ ସାହୁ):** କଣ୍ଟାପଡ଼ା ବ୍ଲକ କଂଗ୍ରେସ ପକ୍ଷରୁ ବାଗଲପୁର ପଞ୍ଚାୟତସ୍ଥିତ ଖଣ୍ଡିଆରୀପୁର-ଚିଉଳପୁର ଗ୍ରାମରେ ଅଖିମୁଠି ଅନୁକୂଳ କରାଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରଦ୍ୟୁମ୍ନ ଖଟାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ ଯୋଗଦେଇ କଂଗ୍ରେସ ସବୁବେଳେ ଚାଷୀଙ୍କ ସ୍ୱାର୍ଥ ପାଇଁ କାମ କରୁଛି ବୋଲି କହିଥିଲେ। କଟକ ଜିଲା କିଷାନ କଂଗ୍ରେସ ଅଧ୍ୟକ୍ଷ ନିମାଇଁ ରାଉତରାୟ, ଜିଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସ, ଜିଲା ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ଦେଓ ଓ ମନୋଜ ପଟ୍ଟନାୟକ, ଜିଲା ଦଳିତ ସେଲ ସଭାପତି ପ୍ରତାପ ମଲ୍ଲିକ, ଅଶୋକ ପରିଡ଼ା, ବିଷ୍ଣୁଚରଣ ବାରିକ, ଆଲେକଜାଣ୍ଡାର ମଲିକ ପ୍ରମୁଖ ଯୋଗଦେଇଥିଲେ। କଣ୍ଟାପଡା ବ୍ଲକ କିଷାନ କଂଗ୍ରେସ ସଭାପତି ଉଲ୍ଲାଚନ୍ଦ୍ର ଖଣ୍ଡୁଆଳ ଓ କଂଗ୍ରେସ ନେତା ଚଗଲି ଜଟ୍ଟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଖୁଣ୍ଟୁଣୀ, (ସଚ୍ଚିଦାନନ୍ଦ ପଣ୍ଡା):** ଆଠଗଡ ବ୍ଲକ ତିଗିରିଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଛଗାଁ ପଞ୍ଚାୟତ ସଶାଙ୍ଗ ଗ୍ରାମରେ ଭାଜପା ନେତା ଅଭୟ କୁମାର ବାରିକ ଅଖିମୁଠି ଅନୁକୂଳ କରିଛନ୍ତି। ଅଭୟଙ୍କ ସହିତ ଶତାଧିକ ଭାଜପା କର୍ମୀଙ୍କ ଉପସ୍ଥିତିରେ ଆଠଗଡ଼ ନଅ ବେଢ଼ା ଅଞ୍ଚଳର ୨୧ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଛି। ଅଭୟ କହିଛନ୍ତି, ତିଗିରିଆରେ ଅର୍ଦ୍ଧାଧିକ ଲୋକ ଚାଷ ଉପରେ ନିର୍ଭର କରି ଚଳନ୍ତି। କିନ୍ତୁ ଦୁଃଖର ବିଷୟ ଏଠାରେ ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ନାହିଁ। କିନ୍ତୁ ଭାଜପା ସରକାର ଆସିବା ପରେ ଆଠଗଡ ଶୀତଳଭଣ୍ଡାରର ପୁନରୁଦ୍ଧାର ପାଇଁ ପ୍ରୟାସ ଆରମ୍ଭ କଲେଣି ବୋଲି କହିଥିଲେ।

**ମଙ୍ଗୁଳି-ଜଗତପୁର,(ମାନସ ସାମଲ):** ଟାଙ୍ଗୀ-ସାଲେପୁର ନିର୍ବାଚନମଣ୍ଡଳୀର ଶାଳଗାଁ ପଞ୍ଚାୟତ ଖାଇପଡ଼ିଆରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କୃଷକ ସମାଜ ଆନୁକୂଲ୍ୟରେ ଅଖିମୁଠି ଉତ୍ସବ ଓ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଟକ ଜିଲା ଗ୍ରାମୀଣ ଭାଜପା ଉପସଭାପତି ହିମାଂଶୁ ମହାନ୍ତି ଯୋଗଦେଇ ଜୈବିକ ସାର ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ କୃଷକଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ସମରେନ୍ଦ୍ର ଷଡ଼ଙ୍ଗୀ, କୃପାସିନ୍ଧୁ ଦାସ, ମନୋଜ ବିଶ୍ୱାଳ, ରାଜକିଶୋର ନାୟକ, ଶ୍ୟାମସୁନ୍ଦର ସାହୁ, କୁମର ଖୁଣ୍ଟିଆ, ବୈକୁଣ୍ଠ ବେଉରା, ପୁରୁଷୋତ୍ତମ ରାଉତ, ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଟାଙ୍ଗୀ-ଚୌଦ୍ୱାର ବ୍ଲକ ନଖରା ପଞ୍ଚାୟତ ପଣ୍ଡୁଆରେ ଅଖିମୁଠି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚୌଦ୍ୱାର କଟକ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ବିଲରେ ଲଙ୍ଗଳ ଧରି ହଳ କରି ଅଖିମୁଠି କରିଥିଲେ। ପୂର୍ବତନ ସମିତି ସଭ୍ୟ ଅଭିଲାଷ ସାହୁ, ପଣ୍ଡୁଆ ମଠ ମହନ୍ତ ମହାରାଜ, ଧନେଶ୍ୱର ଜେଠୀ, ରମାକାନ୍ତ ପାଣି, ଲିଙ୍ଗରାଜ ଜେନା, ଦିଲୀପ କୁମର ଆଚାର୍ଯ୍ୟ, ସୁପ୍ରିୟା ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।

**ସାଲେପୁର,(ଅରବିନ୍ଦ ଭୂୟାଁ):** ସାଲେପୁର ବ୍ଲକ ବହୁଗ୍ରାମ ପଞ୍ଚାୟତ ବିଶ୍ୱନାଥପୁରାରେ ଜମିରେ ବିଧାୟକ ପ୍ରଶାନ୍ତ ବେହେରା ଅଖିମୁଠି ଅନୁକୂଳ କରିଛନ୍ତି। ବହୁଗ୍ରାମ ପୂର୍ବତନ ସରପଞ୍ଚ ଗଗନ ବିହାରୀ ମିଶ୍ରଙ୍କ ସଂଯୋଜନାରେ ବିଶ୍ୱନାଥପୁର ଗ୍ରାମର ଜମିରେ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, କଟକ ଜିଲା ବିଜେଡି ଉପସଭାପତି ଦିଲୀପ ଦାଶ, ସରପଞ୍ଚ ସଞ୍ଜୟ ବେହୁରା, ଜ୍ଞାନରଞ୍ଜନ ପଟ୍ଟନାୟକ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

**ଟିଗିରିଆ,(ଜାଫର ଖାଁ):** ବ୍ଲକ ବିଜେଡି କୃଷକ ମୋର୍ଚ୍ଚା ପକ୍ଷରୁ ଅକ୍ଷୟ ତୃତୀୟାରେ ଅଖିମୁଠି ଅନୁକୂଳ କରାଯାଇଛି। ବ୍ଲକ ବିଜେଡି କୃଷକ ମୋର୍ଚ୍ଚା ସଭାପତି ଶେଖ୍ ଅବଦୁଲ ତୟବଙ୍କ ସଭାପତିତ୍ୱରେ ବାଲିପୁଟ ସରପଞ୍ଚ ରଞ୍ଜନ ସୁତାରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଲିପୁଟ ପଞ୍ଚାୟତ ସ୍ଥିତ ବାଣେଶ୍ୱରପଡା ଗ୍ରାମ ଶିବ ମନ୍ଦିର ନିକଟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ୨ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ ଓ ସଞ୍ଜୟ କୁମାର ମଲ୍ଲିକ, ପୁରୁଣା ତିଗିରିଆ ସରପଞ୍ଚ ପ୍ରତାପ କୁମାର ଜେନା, ଗଦାଧରପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଶରତ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

**ବାଙ୍କୀ, (ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ନିର୍ବାଚନମଣ୍ଡଳୀ ଗୋପାଳପୁର ମଣ୍ଡଳର ଶିମିଳିପୁର ଶକ୍ତିକେନ୍ଦ୍ରଠାରେ ଅଖିମୁଠି ଅନୁକୂଳ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଭାଜପା ବିଧାୟକ ପ୍ରାର୍ଥୀ ତୁଷାର କାନ୍ତ ଚକ୍ରବର୍ତ୍ତୀ ଏବଂ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜମିରେ ଧାନ ବିହନ ବୁଣି ବଳଦ ହଳ ଦ୍ୱାରା ଜମି ଚାଷ କରିଥିଲେ। ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ସାରଦା ପ୍ରସାଦ ଶତପଥୀ ମୁଖ୍ୟବକ୍ତା, ବାଙ୍କୀ ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଭୂପତି ଭୂଷଣ ପାଣି, ଜୟନ୍ତ ବେଉରା ଓ ସରୋଜ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ଆସିଥିବା ୩୫ରୁ ଊର୍ଦ୍ଧ୍ୱ ସଫଳ ଚାଷୀଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

**ଆଠଗଡ଼(ସତ୍ୟ ପ୍ରସାଦ ରଥ):** ଆଠଗଡ଼ ବିଜେଡି ପକ୍ଷରୁ ଆଠଗଡ଼ ବ୍ଲକ ଇଚ୍ଛାପୁର ପଞ୍ଚାୟତ ଗୁଡୁପଡ଼ାଠାରେ ଅଖିମୁଠି ଅନୁକୂଳ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ବ୍ଲକ କୃଷକ ବିଜେଡି ସଭାପତି ସୁବାସ ଚନ୍ଦ୍ର ପାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟର ଅଧିବକ୍ତା ତଥା ହିନ୍ଦ୍ ମଜଦୁର ସଭାର ରାଜ୍ୟ ଯୁବ ସଭାପତି ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ପରେ ଅନୁଷ୍ଠିତ କୃଷକ ସଭାରେ ୨୦ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ମଧ୍ୟରେ ରବୀନ୍ଦ୍ରନାଥ ରାଉତ, ଜିଲା ଉପସଭାପତି ନୃସିଂହ ଚରଣ, ଆଠଗଡ଼ ଏନ୍‌ଏସି ସଭାପତି ଶିଶିର ପ୍ରସାଦ ମାନସିଂହ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡ଼ା ପ୍ରମୁଖ ବିଜେଡି କର୍ମୀ ଯୋଗଦେଇଥିଲେ।

**ବାରଙ୍ଗ(ଲିଙ୍ଗରାଜ ରାଉତ):** ଭୁବନେଶ୍ୱର ଉତ୍ତର ବିଜେଡି ପକ୍ଷରୁ କଲ୍ୟାଣପୁର ସୋମନାଥ ମଠରେ ଅକ୍ଷୟତୃତୀୟା ପାଳିତ ହୋଇଯାଇଛି। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। କାର୍ଯ୍ୟକ୍ରମରେ ଗାନ୍ଧିବାଦୀ ନେତା ପ୍ରତାପ ଚନ୍ଦ୍ର ରାଉତ, ବିଜେଡି ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର, ସନ୍ତୋଷ ନାଥ, କର୍ପୋରେଟର ମିହିର କୁମାର ରାଉତ, ବିଜେଡି ନେତା ଓ କର୍ମୀ ସାମିଲ ଥିଲେ।

ସେହିଭଳି ଦାଢ଼ା ପଞ୍ଚାୟତର ଝିଙ୍କରଡ଼ିହ ଗ୍ରାମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପବିତ୍ର ଅକ୍ଷୟତୃତୀୟାରେ ଅଖିମୁଠି ଅନୁକୂଳ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ମୁରବି, ନେତା, କର୍ମୀ, ଚାଷୀ ଓ ମହିଳା ପୁରୁଷ ଯୋଗଦେଇଥିଲେ।

## ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ,୨୦।୪(କାର୍ତ୍ତିକ ସାହୁ)

କଟକ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୱାନ କକ୍ଷଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ କମଳଜିତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୪୭ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ୪୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୩ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଶୁଣାଣି ବେଳେ ପୋଲିସ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଭତ୍ତା, ଶିକ୍ଷା ଆଦି ସମ୍ପର୍କିତ ପଞ୍ଜୀକୃତ ବିଭିନ୍ନ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଆସନ୍ତା ୨୭ ତାରିଖରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟଠାରେ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

## କଳପଡ଼ାରେ କୃଷକ ସମାବେଶ



କୃଷକ ସମାବେଶରେ ଉପସ୍ଥିତ ଅତିଥି।

କଟକ ସଦର,୨୦।୪(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ କଳପଡ଼ାଠାରେ ସୋମବାର କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ସଭାପତି ପ୍ରଫେସର୍ ମନୋଜ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ କଟକ ସଦର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ଚାଷୀମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ୪୨ ମୌଜାରେ କେବଳ ସୌରଶକ୍ତି ପମ୍ପ ଯୋଗାଇଦେବା, ପନି ପରିବାର ଅଭାବୀ ବିକ୍ରି ଉପରେ ଅନେକ ମତ ରଖିଥଲେ। ଏହି ଅବସରରେ ୨୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଶରତ କୁମାର ରାୟ, ବିଭୂତି ଭୂଷଣ ପରିଡ଼ା, ସଞ୍ଜୀବ ନାୟକ, ସମରେନ୍ଦ୍ର ମହାପାତ୍ର, ଗଣେଶ୍ୱର ପରିଡ଼ା, ସମିତିସଭ୍ୟା ପିଙ୍କି ଭୋଇ ଯୋଗଦେଇଥିଲେ। ମୁଠି ଅନୁକୂଳରେ ବିଜୟ କୁମାର ନାୟକ, ସୁନୀଲ ମୁଦୁଲି, ସରୋଜ କୁମାର ନାୟକ, ମିଲୁ ମହାପାତ୍ର, ପ୍ରସନ୍ନ ବେହେରା, ସରୋଜ ସାମଲ, ଆନନ୍ଦ ବେହେରା, ଆନନ୍ଦ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

କଟକ ସଦର,୨୦।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତପାଟଣାସ୍ଥିତ ଶାରଦାରଞ୍ଜନ ରାମାୟଣୀ ପ୍ରଚାରିଣୀ ସଭା ଆନୁକୂଲ୍ୟରେ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହ ପ୍ରତିଷ୍ଠା ଓ ମନ୍ଦିର ପ୍ରବେଶ ମହାସମାରୋହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କଟକ ଏମ୍‌ପି ଡ. ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ନିଆଳି ବିଧାୟକ ଛବି ମଲ୍ଲିକ, କଟକ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ପ୍ରମୁଖ ଅତିଥି ରୂପେ ଯୋଗଦେଇ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମନ୍ଦିର କମିଟି କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳା ଆରକ୍ଷଣ ବିଲ୍ ଖାରଜକୁ ନେଇ ବର୍ଷିଲେ ଏମ୍‌ପି ମାଳବିକା ଦେବୀ




ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ସୂଚନା ଦେଉଛନ୍ତି।

କଟକ,୨୦।୪(ଶିଳ୍ପା ପ୍ରିୟଦର୍ଶିନୀ)

ମହିଳା ଆରକ୍ଷଣ ବିଲ୍ ଲୋକ ସଭାରେ ଖାରଜ ହେବା ପରଠାରୁ ଏହାକୁ ନେଇ ଦେଶରେ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ବିଲ୍ କୌଣସି ଦଳ ପାଇଁ ନୁହେଁ, ବରଂ ଦେଶ ପାଇଁ ହିତକର ହୋଇଥାନ୍ତା ବୋଲି କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ସୋମବାର ସର୍କିଟ ହାଉସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ ଅଧିକ ସୂଚନା ଦେଇ କହିଛନ୍ତି, ଏହି ବିଲ୍ ପାରିତ ହୋଇଥିଲେ ଏଥିରେ ମହିଳାମାନେ ସମସ୍ତ କ୍ଷେତ୍ରରେ ଅଗ୍ରଗତି କରି ପାରିଥାନ୍ତେ। କେନ୍ଦ୍ର ସରକାର ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ଏହି ବିଲ୍ ଆଣିଥିଲେ। ଏହା ପାରିତ ହେବାର ଯଥେଷ୍ଟ ସମ୍ଭାବନା ରହିଥିଲା। ମାତ୍ର କଂଗ୍ରେସ ସମେତ କିଛି ରାଜନୈତିକ ଦଳ ଏହି ବିଲ୍‌କୁ ସମର୍ଥନ ଜଣେଇଲେ ନାହିଁ। ଏହାଦ୍ୱାରା ଏହା ଖାରଜ ହୋଇଛି। ଏହାର ଜବାବ ମହିଳାମାନେ ଆଗାମୀ ନିର୍ବାଚନରେ ଦେବେ ବୋଲି ବୋଲି ସେ କହିଛନ୍ତି। ଭାଜପା ରାଜ୍ୟ ନେତ୍ରୀ ପିଙ୍କି ପ୍ରଧାନ କହିଛନ୍ତି, ଏହି ବିଲ୍ କ'ଣ ପାଇଁ ପାରିତ ହେଲା ନାହିଁ ବୋଲି ଏବେ ପ୍ରତ୍ୟେକ ମହିଳା ପଚାରୁଛନ୍ତି। ଆମେ ଆଗକୁ ଆସିବାକୁ ଚାହୁଁଥିଲୁ। କଂଗ୍ରେସ ଓ ଅନ୍ୟ ଯେଉଁଦଳ ଧୋକା ଦେଇଛନ୍ତି, ସେମାନଙ୍କ ବିରୋଧରେ ମହିଳାମାନେ ରାଜରାସ୍ତାକୁ ଆସିବାକୁ ଏକତ୍ରିତ ହେଉଛନ୍ତି। ଭାଜପା ଏହାର ନେତୃତ୍ୱ ନେବ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।

## ଅସ୍ଥାୟୀ ଛାମୁଡ଼ିଆକୁ କାଳବୈଶାଖୀ ଡର

### ଜିଲାପାଳଙ୍କୁ ଦାବି ଜଣାଇଲା ଏସ୍‌ସି, ଏସ୍‌ଟି, ଓବିସି ସ୍ୱାଭିମାନ ମଞ୍ଚ

କଟକ,୨୦।୪(କୁମାରଶ୍ରୀ)

ଖରାରୁ ରକ୍ଷା ପାଇବା ପାଇଁ ସହରର ବିଭିନ୍ନ ଟ୍ରାଫିକ ଛକରେ ଅସ୍ଥାୟୀ ଛାମୁଡ଼ିଆ ତିଆରି ହୋଇଛି। ବାଉଁଶ ଏବଂ ପାଲ ବାନ୍ଧି ଟ୍ରାଫିକ୍ ଛକକୁ ଛାଇ କରାଯାଇଛି। ହେଲେ କିଛି ଦିନ ହେବ କ୍ରମାଗତ ଭାବେ କାଳବୈଶାଖୀ ଯୋଗୁ ସହରର ବିଭିନ୍ନ ସ୍ଥାନରେ ହୋର୍ଡିଂ ଏବଂ ଗଛ ଭାଙ୍ଗିଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ସହରର ପ୍ରମୁଖ ଛକରେ ଥିବା ଅସ୍ଥାୟୀ ଛାମୁଡ଼ିଆ ଭାଙ୍ଗି କ୍ଷୟକ୍ଷତି କରାଇଲେ ଏଥି ପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ କରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି ଅଖିଳ ଓଡ଼ିଶା ଏସ୍‌ସି ଏସଟି ଓବିସି ସ୍ୱାଭିମାନ ମଞ୍ଚ। ସଭାପତି ସଞ୍ଜୟ କୁମାର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ମଞ୍ଚର ଅଭିଯୋଗ ଅନୁସାରେ, ଭୁବନେଶ୍ୱରରେ ସ୍ଥାୟୀ ଶେଡ୍ ନିର୍ମାଣ ହୋଇଛି। ହେଲେ ରୌପ୍ୟନଗରୀ କଟକରେ ବାଉଁଶ ଏବଂ ପାଲ ଦ୍ୱାରା ଅସ୍ଥାୟୀ ଛାମୁଡ଼ିଆ କରାଯାଇଛି। ଭୁବନେଶ୍ୱର ଭଳି ସ୍ଥାୟୀ ଶେଡ୍ ଏଠାରେ ନିର୍ମାଣ କରିବାକୁ ଦାବି ହୋଇଛି। ଏତଦବ୍ୟତୀତ କାଳବୈଶାଖୀ ପ୍ରଭାବରେ ସହରର ବିଭିନ୍ନ ଅଞ୍ଚଳରେ କ୍ଷୟକ୍ଷତି ଘଟୁଛି। ଯଦି ଛକଗୁଡ଼ିକରେ ଥିବା ଛାମୁଡ଼ିଆ ଭାଙ୍ଗି ପଡେ ତାହେଲେ ଏହା ପଥଚାରୀ ନ ଚେତ୍ ଆଖପାଖ ଦୋକାନକୁ କ୍ଷତି କରିବ। ଏ ଦିଗରେ ବିଶେଷ ଦୃଷ୍ଟି ଦେବାକୁ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି। ଏହାଛଡ଼ା ମହିଳା ଟ୍ରାଫିକ୍ ପୋଲିସଙ୍କ ହିତ ଦୃଷ୍ଟିରୁ ଟ୍ରାଫିକ୍ ଛକଗୁଡ଼ିକରେ ଇଟଏଲେଟ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

# 'କୃଷକ ସଶକ୍ତୀକରଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ'

■ ଜିଲାସ୍ତରୀୟ କୃଷକ ଦିବସ ପାଳିତ
■ କୃଷି ରଥ ଉଦ୍‌ଘାଟିତ, ଚାଷୀଙ୍କୁ ସଚେତନ କରିବ

ବାଣପୁର/ଖୋର୍ଦ୍ଧା,୨୦।୪
(ଦିଲୀପ କୁମାର ସ୍ୱାଇଁ/ପ୍ରଭାତ ପାଣିଗ୍ରାହୀ)


ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଖିମୁଠି ଅନୁକୂଳ କରୁଛନ୍ତି।

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସୋମବାର ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡା ପଞ୍ଚାୟତ ବରପାଟଣା ଜାଗର ପଡ଼ିଆରେ ଆୟୋଜିତ 'ଜିଲାସ୍ତରୀୟ କୃଷକ ଦିବସ' କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଖିମୁଠି ଅନୁକୂଳ କରିବା ସହ ପତାକା ଦେଖାଇ 'କୃଷି ରଥ'ର ଶୁଭାରମ୍ଭ କରିଛନ୍ତି। ଆୟୋଜିତ ସମାବେଶରେ ଉପସ୍ଥିତ ଚାଷୀଙ୍କୁ ସମ୍ବୋଧିତ କରି କହିଥିଲେ, ଏହି କୃଷି ରଥ ଜିଲାର ପ୍ରତିଟି କୋଣ ଅନୁକୋଣରେ ପହଞ୍ଚି ଚାଷୀ ଭାଇମାନଙ୍କୁ ଆଧୁନିକ କୃଷି ପ୍ରଣାଳୀ ଓ ବିଭିନ୍ନ ସରକାରୀ ଯୋଜନା ବିଷୟରେ ସଚେତନ କରି ସଶକ୍ତ କରିବାରେ ସହାୟକ ହେବ। ପବିତ୍ର ଅକ୍ଷୟ ତୃତୀୟାର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରି କହିଲେ, ଆଜି ଦିନରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ ଅନୁକୂଳ ହୁଏ। ସେହିପରି ଆଜିର ଦିନରେ ତ୍ରେତୟା ଯୁଗ ଆରମ୍ଭ ଏବଂ ଭଗବାନ ପର୍ଶୁରାମଙ୍କ ଜନ୍ମ ହୋଇଥିଲା ବୋଲି କୁହାଯାଏ। ମା'ଲକ୍ଷ୍ମୀ ଓ ବିଷ୍ଣୁଙ୍କୁ ଆରାଧନା କରାଯାଏ। ଏହି ଦିବସର ଅନନ୍ୟ ଗୁରୁତ୍ୱ ହେଉଛି ମାଟି ମା' ଓ ପୃଥିବୀକୁ ଚାଷୀକୂଳ ପୂଜା କରି ଅକ୍ଷୀ ମୁଠି କ୍ଷେତରେ ବୁଣିବା ଆରମ୍ଭ କରିଥାଏ। ମନ୍ତ୍ରୀ ଆହୁରି କହିଥିଲେ ଯେ, ସିଏମ୍ କିଶାନ ସହାୟତା ଚାଷୀ ପରିବାର ମୁହଁରେ ହସ ଫୁଟାଇଛି। ଧାନର ସବ୍‌ସିଡି ୮୦୦ ଟଙ୍କା ବୃଦ୍ଧି, ବଳଭଦ୍ର ଯୋଜନା, ଜୈବିକ ଚାଷ, ଡାଲି ଜାତୀୟ ଫସଲ, ଫସଲ ବିବିଧତା, କ୍ଷୁଦ୍ର ଚାଷୀ ରୋଜଗାର ବୃଦ୍ଧି ସହ ଚିଲିକା ନିର୍ବାଚନ ମଣ୍ଡଳୀରେ କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତି ଲକ୍ଷ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଖୋର୍ଦ୍ଧା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ ଜଗଦେବ କହିଥିଲେ, ରାଜ୍ୟ ସରକାର ଆନୁଷଙ୍ଗିକ କୃଷି, ଗୋପାଳନ, ଉଦ୍ୟାନ କୃଷି, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଯୁବକମାନଙ୍କ ପାଇଁ ମଧ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ତେଣୁ ଯୁବକମାନେ ଚାଷ କ୍ଷେତ୍ରରେ ପ୍ରାଧାନ ଦେଲେ ନିଜେ ସ୍ୱାବଲମ୍ବୀ ହେବା ସହ ପରିବାର ଓ ଜିଲା ଏବଂ ରାଜ୍ୟର ଆର୍ଥିକ ମେରୁଦଣ୍ଡ ମଜବୁତ ହୋଇପାରିବ। ପୂର୍ବତନ ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ କହିଥିଲେ, କୃଷି ସଂସ୍କୃତି ଆମ ଜାତିର ପ୍ରାଣ କେନ୍ଦ୍ର। କୃଷକ ଆମର ଅନ୍ନଦାତା, ତେଣୁ କୃଷକମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ଧ୍ୟାନ ଦେବା ଆବଶ୍ୟକ ରହିଛି। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା କହିଥିଲେ, ଚିଲିକା ଅଞ୍ଚଳରେ ବୁଣା ଧାନ ଓ ରୁଆ ଧାନ ହୋଇଥାଏ। ଏଥିସହ କୋଳଥ, ମାଣ୍ଡିଆ ଚାଷକୁ ଅଗ୍ରାଧିକାର ଦେଇ ଚାଷୀକୂଳର ହିତ ସାଧନରେ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ସଭାପତି ଅଭିଭାଷଣରେ ଜିଲାପାଳ ଅମ୍ରିତ୍ ଋତୁରାଜ କହିଥିଲେ, ଅକ୍ଷୟ ତୃତୀୟା ହିନ୍ଦୁ ଧର୍ମର ପବିତ୍ର ପର୍ବ। ବୈଶାଖ ତାତିରୁ ମୁକ୍ତ ପାଇଁ ପ୍ରଭୁ ଲିଙ୍ଗରାଜ ବିନ୍ଦୁ ସାଗରରେ ଚାପ ଖେଳୁଥିବା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳୁଛନ୍ତି। ଏହି ପର୍ବର ମହାନ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାର ନିଦର୍ଶନ ଅଟେ। ଚାଷୀ ପଞ୍ଜୀକରଣ, ମଣ୍ଡି ଅଧିକ ଖୋଲିବା, ଚାଷୀ ନିକଟରେ ଧାନ ଦେବା, ଡାଲି, ତୈଳ ଜାତୀୟ ଫସଲକୁ ଗୁରୁତ୍ୱ, ପ୍ୟାକ୍ସ ମାଧ୍ୟମରେ ଚାଷୀଙ୍କୁ ଋଣ ପ୍ରଦାନ, ଜୈବିକ ସାର ବ୍ୟବହାର ଦିଗରେ ଜିଲା ପ୍ରଶାସନ କାର୍ଯ୍ୟକ୍ରମ ଜାରି ରଖିଛି। ଜିଲା କୃଷି ଅଧିକାରୀ ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋପାଳପୁରରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ


ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ବୋଲଗଡ଼,୨୦।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁମନ ସୁଧା କୁଣ୍ଟୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ୍ ୭୮ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ତନ୍ମଧ୍ୟରୁ ୬୭ଟି ତତ୍କାଳ ସମାଧାନ ହୋଇଥିବା ବେଳେ ଆଉ ୧୧ଟି ଅଭିଯୋଗର ବିଭାଗୀୟ ତର୍ଜମା ପରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। ତହସିଲଦାର ବିଜୟ କୁମାର ସେଠୀଙ୍କ ସମେତ ବ୍ଲକସ୍ତରୀୟ ପ୍ରାୟ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିଥିଲେ। ଏହି ଅବସରରେ ସରକାରଙ୍କ ଦ୍ୱାରା ଜନସାଧାରଣଙ୍କ ପାଇଁ ଆହୁତ ବିଭିନ୍ନ ଜନକଲ୍ୟାଣ ଯୋଜନାର ସୂଚନା ପ୍ରଦାନ ସହ ଏଥିନେଇ ଆବେଦନ ଗ୍ରହଣ କରାଯାଇଥିଲା। ଏହା ସହିତ ହିତାଧିକାରୀଙ୍କୁ ପଟା ବଣ୍ଟନ, ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ରାଶନ କାର୍ଡ ପ୍ରଦାନ ସହ ତ୍ରୁଟି ସଂଶୋଧନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ବାରିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା, ୱାର୍ଡମେମ୍ବର ଏବଂ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକଙ୍କ ମୃତଦେହ ଜବତ

ଜଟଣୀ,୨୦।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ ସୀତାରାମ ଛକଠାରେ ଜଣେ ଯୁବକଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ପଡ଼ିଥିବା ସୋମବାର ସକାଳେ ଦେଖିବାକୁ ମିଳିଥିଲା। ମୃତକ ହେଲେ ଏହି ଥାନା ଅଧୀନ ହାଟବଜାର ଅଞ୍ଚଳର ଏ.ପ୍ରକାଶ ରାଓ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୮/୨୬)ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ପ୍ରକାଶ ସୀତାରାମ ଛକ ଅଞ୍ଚଳରେ ରହି ଦିନ ମଜୁରିଆ ଭାବେ କାମ କରିଆସୁଥିଲେ। ରବିବାର ରାତିରେ କୌଣସି କାରଣକୁ ନେଇ ତାଙ୍କର କେତେଜଣ ବ୍ୟକ୍ତିଙ୍କ ସହ କଥା କଟାକଟି ହୋଇଥିଲା ବୋଲି ସ୍ଥାନୀୟ ଲୋକେ ଆଲୋଚନା କରୁଥିବା ଶୁଣିବାକୁ ମିଳିଛି। ତେବେ ପ୍ରକାଶଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## 'ବୈଦେହୀଶ ବିଳାସ ଉପେନ୍ଦ୍ର ଭଞ୍ଜଙ୍କ ଅମ୍ଳାନ କୀର୍ତ୍ତି'

ଖୋର୍ଦ୍ଧା,୨୦।୪(ପ୍ରଭାତ ପାଣିଗ୍ରାହୀ)

ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ଅଷ୍ଟାଦଶ ବାର୍ଷିକ ଉତ୍ସବ ସୋମବାର ସ୍ଥାନୀୟ ଜେଲରୋଡ୍ ସ୍ଥିତ ଶ୍ୟାମାମାଧବ ବାସନ୍ତୀ ଦେବୀ ପାଠାଗାର ପରିସରରେ ସଂସଦର ପ୍ରତିଷ୍ଠାତା ସଭାପତି ଶିବସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଡ. ଶରତ ଚନ୍ଦ୍ର ରଥ ମୁଖ୍ୟ ଅତିଥି, ଭଞ୍ଜ ସାହିତ୍ୟର ବିଶିଷ୍ଟ ଗବେଷକ କାମରାଜ ସାହାଣୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ ବୈଦେହୀଶ ବିଳାସ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ନାଟ୍ୟକାର ବିଜୟ କୁମାର ମହାନ୍ତି, ଭାଷାବିତ୍ ମନୋଜ କୁମାର ଜେନା, ଗାଳ୍ପିକା ଶ୍ୱେତ ପଦ୍ମାସିନୀ ମହାନ୍ତି, ଶିକ୍ଷାବିତ୍ ଡ. ଶରଚ୍ଚନ୍ଦ୍ର ମହାପାତ୍ର ଅକ୍ଷୟ ତୃତୀୟା ଦିବସର ମହତ୍ତ୍ୱ, ଓଡ଼ିଆ ଭାଷାର ଅବକ୍ଷୟ, ଭାଷା କମିଶନ ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ଉପଦେଷ୍ଟା ସତ୍ୟବାଦୀ ବଳିୟାରସିଂହ ଅତିଥି ପରିଚୟ ଏବଂ ସମ୍ପାଦିକା ବିମଳା ସିଂହ ବିବରଣୀ ପାଠ କରିଥିଲେ। ସାହିତ୍ୟ ପରିଷଦ ପକ୍ଷରୁ ପ୍ରଫେସର ଡ.ପଦୀପ କୁମାର ପଟ୍ଟନାୟକଙ୍କୁ ପଠାଣୀ ପଟ୍ଟନାୟକ ସାହିତ୍ୟ ସମ୍ମାନ, କେନ୍ଦ୍ରାପଡ଼ାର ଡ. ବାସନ୍ତୀ ମହାନ୍ତିଙ୍କୁ କବି ଜୟଦେବ ସମ୍ମାନ, କେନ୍ଦ୍ରାପଡ଼ାର ଡ. ନାରାୟଣ ସାହୁଙ୍କୁ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ସମ୍ମାନ, ଦଶପଲ୍ଲାର ଗାଳ୍ପିକ ହାଡ଼ିବନ୍ଧୁ ମହାକୁଡ଼ଙ୍କୁ ସଚ୍ଚି ରାଉତରାୟ ସମ୍ମାନ, ବାଣପୁର ତେନ୍ତୁଳିଡ଼ିହର ଗବେଷକ ମଦନମୋହନ ମହାପାତ୍ରଙ୍କୁ କୁନ୍ତଳା କୁମାରୀ ସାହିତ୍ୟ ସମ୍ମାନ, ଟାଙ୍ଗୀର ହିମାଂଶୁ ଶେଖର ମହାପାତ୍ରଙ୍କୁ ଉତ୍କଳଧର ପରିଡ଼ା ସମ୍ମାନ ଓ ଜଟଣୀ କନ୍ତିଆ ମହିଳା କଲେଜ ଅଧ୍ୟକ୍ଷା ଡ.ସୁକାନ୍ତି ମହାପାତ୍ରଙ୍କୁ ବୃନ୍ଦାବତୀ ଦାସୀ ସମ୍ମାନ, ବାଣପୁର ପାଠାଗାର ଆନ୍ଦୋଳନର ବିଦ୍ୱାଣୀ ତଥା ଗବେଷକ ଗୋଲକ ବିହାରୀ ପରିଡାଙ୍କୁ କବିବନ୍ଧୁ ପରାଶର ସମ୍ମାନ ପ୍ରଦାନ କରାଯାଇଥିଲା। ସଭା ପ୍ରାରମ୍ଭରେ କବି ଗୋବିନ୍ଦ ଚନ୍ଦ୍ର ମହାରଣା, ଇତିଶ୍ରୀ ସାହୁ, ବ୍ରଜେଶ୍ୱରୀ ସିଂହ, ପ୍ରଫୁଲ କୁମାର ସାମନ୍ତରାୟ, ଦେବରାଜ ପ୍ରଧାନ, ବୈକୁଣ୍ଠ ନାଥ ରାଜଗୁରୁ, ଡ.ପ୍ରମୋଦ ଚନ୍ଦ୍ର ଦାଶଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ସମୀର ପଟ୍ଟନାୟକ, ପ୍ରସନ୍ନ କୁମାର ପଟ୍ଟନାୟକ, ଦେବଦତ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହନୁମାନଙ୍କ ମନ୍ଦିର ନିର୍ମାଣ ଆରମ୍ଭ

ବୋଲଗଡ଼,୨୦।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇ ଗ୍ରାମରେ ହନୁମାନଙ୍କ ଏକ ନୂତନ ମନ୍ଦିର ନିର୍ମାଣ ପାଇଁ ସୋମବାର ଅନୁକୂଳ କରାଯାଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ମନ୍ଦିର ନିର୍ମାଣ ଆରମ୍ଭ ପାଇଁ ବିଧି ମୁତାବକ ବ୍ରାହ୍ମଣ ପଣ୍ଡିତଙ୍କ ପୂଜାର୍ଚ୍ଚନା ମଧ୍ୟରେ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଆୟୋଜିତ ହୋମ କାର୍ଯ୍ୟରେ ଉମ୍ବୁରୁଧର ନାୟକ କର୍ତ୍ତା ଭାବେ ଉପବିଷ୍ଟ ଥିବାବେଳେ ମାଧବ ବିଶ୍ୱାଳ, ରଘୁନାଥ ପାଲଟାସିଂହ, ହୁଲାସ ରଣସିଂହ, ଚଗଲା କହଲସିଂହ, ବିରଞ୍ଚି ଉତ୍ତରକବାଟ, ତାପସ ଦକ୍ଷିଣକବାଟ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ଉତ୍ତରକବାଟ, ରମେଶ ସାମନ୍ତରା, ଦୟାନିଧି ସୁବୁଦ୍ଧି, ନକୁଳ ନାୟକ, ଗିରିଧାରୀ ନାୟକ, ଅମର ମାର୍ଥା, ଆଲୋକ ବଳିୟାରସିଂହ ପ୍ରମୁଖ ସହଯୋଗ କରିଥିଲେ।

## ୩୬ ଅଭିଯୋଗରୁ ୩ ସମାଧାନ



ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଯାଁଳା,୨୦।୪(ବୁଲା ବାରିକ)

ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଡ. ମନୋରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମିଳିତ ଜନଶୁଣାଣିରେ ଜିଲା ଏବଂ ବ୍ଲକସ୍ତରୀୟ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ୍ ୩୬ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିମଧ୍ୟରୁ ୨୯ଟି ବ୍ୟକ୍ତିଗତ ହୋଇଥିବା ବେଳେ ୭ଟି ଅଭିଯୋଗ ସାମୂହିକ ରହିଥିଲା। ତତ୍କାଳ ୩ଟି ଅଭିଯୋଗର ସମାଧାନ କରାଯାଇଛି। ଅନ୍ୟ ଅଭିଯୋଗ ଗୁଡ଼ିକର ତର୍ଜମା ତଥା ତଦନ୍ତ କରାଯାଇ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

## ମା'ମଙ୍ଗଳାଙ୍କ ବାର୍ଷିକୋତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ,୨୦।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଦଳକରେ ଚାରିଦିନ ଧରି ଚାଲିଥିବା ମା'ମଙ୍ଗଳାଙ୍କ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗତ ଶୁକ୍ରବାର ଶୁଭ ଅଙ୍କୁରାରୋପଣ, ଶନିବାର ଜଳଯାତ୍ରା, ଶାଳାପୂଜା, ସର୍ବ ଦେବଦେବୀ ଆବାହନ, ଅଗ୍ନି ସ୍ଥାପନ, ରବିବାର ସୂର୍ଯ୍ୟ ପୂଜା, ଗୋପୂଜା, ଶାଳା ପୂଜା, ଚଣ୍ଡୀ ଆହୁତି ପ୍ରଦାନ, ଆଳତି ପୁଷ୍ପାଞ୍ଜଳି ଏବଂ ସୋମବାର ସୂର୍ଯ୍ୟ ପୂଜା, ଗୋପୂଜା, ଶାଳାପୂଜା, ସର୍ବ ଦେବଦେବୀ ପୂଜା, ପୂର୍ଣ୍ଣାହୁତି ହୋଇଥିଲା। ମହାଯଜ୍ଞର ପୁରୋଧା ଥିଲେ ସୁବାସ ଚନ୍ଦ୍ର ପ୍ରହରାଜ। ଦଳକ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ।

## କଠିନ ଅଧ୍ୟବସାୟ ସଫଳତାର ଚାବିକାଠି



ବୋଲଗଡ଼,୨୦।୪(ଦେବବ୍ରତ ହୋତା)

ପିଟୁକୁଳି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ସିବିଏସଇ ପରୀକ୍ଷାରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୨୩ଜଣ ଛାତ୍ରୀଛାତ୍ରଙ୍କୁ ଉକ୍ତ ବିଦ୍ୟାଳୟ ପରିସରରେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସୋମବାର ଅଧ୍ୟକ୍ଷ ତାପସ ଦ୍ୱିବେଦୀଙ୍କ ପୌରୋହିତ୍ୟରେରେ ଅନୁଷ୍ଠିତ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ କଠିନ ଅଧ୍ୟବସାୟ ସଫଳତାର ଚାବିକାଠି ବୋଲି କହିଥିଲେ। ପୂର୍ବତନ ଏବିଇଓ ତଥା ବିଆର୍‌ସିସି ପଦ୍ମଚରଣ ବେହେରା, ଇଂ.କର୍ପୂର ସାହୁ, ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ବେହେରା, ସିଆର୍‌ସିସି ଲୋକନାଥ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ସୁସ୍ମିକାନ୍ତ ନାୟକଙ୍କ ସଂଯୋଜନାରେ ବରିଷ୍ଠ ଅଧ୍ୟାପିକା ଅମ୍ରିତା ପାତ୍ର ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ରବୀନ୍ଦ୍ର କୁମାର ବେହେରା ଏବଂ ଆଦର୍ଶ ବିଦ୍ୟାଳୟର ଅଧ୍ୟାପକ ଗୁରୁପ୍ରସାଦ ନାଥ ଶର୍ମା, ଶୁଭାଶିଷ ଜେନା, ଚନ୍ଦ୍ର କାନ୍ତ ଜଗଦେବ, ଅମିତ ନାୟକ, ନାରାୟଣ ଦାସଙ୍କ ସମେତ ଶିବାଶିଷ ସାହୁ ଓ ସିଦ୍ଧେଶ୍ୱର ମାର୍ଥା ସହଯୋଗ କରିଥିଲେ। ଗଙ୍ଗାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାମ ମନ୍ଦିର ପାଇଁ ଭିତ୍ତିପ୍ରସ୍ତର

ଟାଙ୍ଗୀ,୨୦।୪(ରଘୁନାଥ ସାହୁ)

ଅକ୍ଷୟ ତୃତୀୟା ଅବସରରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ରାମଲୀଳା ପଡ଼ିଆଠାରେ ଶ୍ରୀରାମ ମନ୍ଦିର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁକ୍ତେଶ୍ୱର ଦେବଙ୍କ ମନ୍ଦିରଠାରୁ ଶତାଧିକ ସାଧୁସନ୍ଥଙ୍କୁ ଶୋଭାଯାତ୍ରାରେ ରାମଲୀଳା ପଡ଼ିଆ ପର୍ଯ୍ୟନ୍ତ ନିଆଯାଇଥିଲା। ସାଧୁସନ୍ଥ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ଆଧ୍ୟାତ୍ମିକ ପରିବେଶରେ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଥିଲା। କର୍ତ୍ତାଭାବେ ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର କୁମାର ରାଉତ ଓ ତାଙ୍କର ସହଧର୍ମିଣୀ କାର୍ଯ୍ୟ ନିର୍ବାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତ୍ରୀ ବାସନ୍ତୀ ମହାପାତ୍ର, କଂଗ୍ରେସ ନେତା ସଞ୍ଜୟ ପଟ୍ଟନାୟକ, ସରପଞ୍ଚ ସୁଜିତ ହାଲଦାର, ପୂର୍ବତନ ସରପଞ୍ଚ ବିଜୟ ପ୍ରଧାନ, ବିଶିଷ୍ଟ ପ୍ରବଚକ ନାରାୟଣ ମହାପାତ୍ର, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ ଜେନା, କୁମର ପ୍ରଧାନ, ମହେଶ୍ୱର ସେନାପତି, ସୁକାନ୍ତ ରାଉତ, ବିବି ସାହୁ, ପ୍ରଶାନ୍ତ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

## ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବେଗୁନିଆ,୨୦।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅକ୍ଷୟ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମାଜର ପ୍ରତ୍ୟେକ ବ୍ୟକ୍ତି ଚାରା ରୋପଣ କରିବା ସହ ଏକ ନୂତନ ଜଙ୍ଗଲ ସୃଷ୍ଟି କରାଯାଇ ହାତୀ ବଂଶ ସୁରକ୍ଷା ଦିଗରେ ଯତ୍ନବାନ ହେବା ଆବଶ୍ୟକ ରହିଛି ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ମାନସ ଚନ୍ଦ୍ର ବାହୁବଳେନ୍ଦ୍ର ପରିଚାଳନା କରିଥିବା ବେଳେ ବନପାଳ ସାଧୁ ଚରଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ବେଗୁନିଆ,୨୦।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମସ୍ଥିତ ଜନତା ବିଦ୍ୟାପୀଠର ପ୍ରତିଷ୍ଠାତା ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ପଠାଣି କୁମାର ସାହୁଙ୍କ ସଂଯୋଜନାରେ ପୋଷ୍ୟକର୍ତ୍ତା ବାଉରି ଶ୍ରୀଚନ୍ଦନ, ପୁରାତନ ଛାତ୍ର ସଂସଦ ସଭାପତି ଭୁବନା ନନ୍ଦ ମହାନ୍ତିଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ, ପୁରାତନ ଛାତ୍ର ଓ କର୍ମଚାରୀମାନେ ଉପସ୍ଥିତ ରହି ଦିବଂଗତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ନୀରବ ପ୍ରାର୍ଥନା କରିଥିଲେ। ପରେ ସ୍ୱର୍ଗତ ପଣ୍ଡାଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରାଯାଇଥିଲା।

## ଅଖିମୁଠି ଅନୁକୂଳ କଲେ ବିଧାୟକ

ବୋଲଗଡ଼/କଳାପଥର,୨୦।୪
(ଦେବବ୍ରତ ହୋତା/ ଗଙ୍ଗାଧର ସାହୁ)

ବୋଲଗଡ ବ୍ଲକ ଧଳାପଥର ପଞ୍ଚାୟତ ଠଣାପଲ୍ଲୀଠାରେ ବ୍ଲକସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଗାନ୍ଧୀ କୃଷକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ କ୍ଷେତରେ ହଳଲଙ୍ଗଳ ଧରି ଅଖିମୁଠି ଅନୁକୂଳ କରିଥିଲେ। ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ବିଜେଡି ଜିଲା ଉପସଭାପତି ପ୍ରଫୁଲ୍ଲ ପ୍ରଧାନଙ୍କ ସମେତ ସରପଞ୍ଚ, ସମିତି ମେମ୍ବର, ଜିଲା ପରିଷଦ ମେମ୍ବରମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ ଓ ସମିତିସଭ୍ୟ ବିଜୟ ସୁବୁଦ୍ଧି ସମସ୍ତ ପଞ୍ଚାୟତ ପ୍ରତିନିଧିଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ସମବାୟ ସମିତି ସଭାପତି ସନ୍ତୋଷ ତ୍ରିପାଠୀ ଓ ପ୍ରକାଶ ରାଉତରାୟ ଉପସ୍ଥିତ ଯୁବଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜମିରେ ହୋମ ଓ ପୂଜାପାଠ ପରେ ବିଲରେ ଧାନ ବୁଣି ବିଧାୟକ ଚାଷ ଅନୁକୂଳ ପରେ ଗାନ୍ଧୀ କୃଷକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକୁ ପ୍ରଶଂସା କରି ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।


ବିଧାୟକ ପ୍ରଦୀପ ସାହୁ ଅଖିମୁଠି ଅନୁକୂଳ କରୁଛନ୍ତି।

## ଶ୍ରୀଅନନ୍ତ ପୁରୁଷୋତ୍ତମ, ଲୀଳାକ୍ଷେତ୍ରରେ ରଥକାଠ ଅନୁକୂଳ

ଖୋର୍ଦ୍ଧା,୨୦।୪(ପ୍ରଭାତ ପାଣିଗ୍ରାହୀ)

ପବିତ୍ର ଅକ୍ଷୟ ତୃତୀୟାରେ ସୋମବାର ଜାଗୁଳି ପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ବବିଗ୍ରହ)ଙ୍କ ରଥଯାତ୍ରା ପାଇଁ ରଥକାଠ ଅନୁକୂଳ ହୋଇଯାଇଛି। ଭୋର ସାଢ଼େ ୪ଟାରେ ମନ୍ଦିର ଦ୍ୱାରଫିଟା, ମଇଲମ, ତଡ଼ପଲାଗି, ଅବକାଶ, ଦ୍ୱାରପାଳ ଓ ସୂର୍ଯ୍ୟପୂଜା ପରେ ଅନ୍ୟ ନୀତି ହୋଇ ୬ଟାରେ ମଙ୍ଗଳ ଆଳତି ସରିଥିଲା। ପରେ ମନ୍ଦିର ସମ୍ମୁଖରେ ଏକ ଚାରିଫୁଟିଆ ଧଉରା କାଠ ରଖାଯାଇଥିଲା। ନୀତି ନିର୍ଘଣ୍ଟ ଅନୁଯାୟୀ ପୂର୍ବାହ୍ନ ୧୦ଟାରେ ମହନ୍ତ କମଳଲୋଚନ ଦାଶ ମହାରାଜ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ଆଜ୍ଞାମାଳ ଆଣି ରଥକାଠରେ ବିଜେ କରିଥିଲେ। ପାରମ୍ପରିକ ରୀତିନୀତିରେ ଧୂପ, ଦୀପ, ନୈବେଦ୍ୟ ଅର୍ପଣ ପୂର୍ବକ ରଥକାଠ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର କମିଟି ପକ୍ଷରୁ ରଥର ମୁଖ୍ୟ ବିଶ୍ୱକର୍ମା ଅର୍ଜୁନ ମହାରଣା ଶାଢ଼ି ବନ୍ଧାଇ ରଥକାମ ଅନୁକୂଳ କରିଥିଲେ। ବିଧିବଦ୍ଧ ଭାବେ ରଥକାଠ



ଅନୁକୂଳ ହୋଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ରଥ ନିର୍ମାଣ କରାଯିବ। ଏଠାରେ ୪୦ଫୁଟ ଉଚ୍ଚର ଗୋଟିଏ ରଥରେ ଚତୁର୍ଦ୍ଧା ବିଗ୍ରହ ବିଜେ କରନ୍ତି। ରଥଯାତ୍ରା ଆୟୋଜନ ନେଇ ମନ୍ଦିର ଟ୍ରଷ୍ଟି ତଥା ଉପଜିଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ମନ୍ଦିର ସେବାରେ ନିୟୋଜିତ ସମସ୍ତ ମହନ୍ତ, ଟ୍ରଷ୍ଟ ବୋର୍ଡ ସଦସ୍ୟ, ସ୍ଥାନୀୟ ବୁଦ୍ଧିଜୀବୀ, ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧାସ୍ଥିତ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଲାଗି ରଥକାଠ ଅନୁକୂଳ ହୋଇଯାଇଛି। ମହାପ୍ରଭୁଙ୍କ ସକାଳ ନୀତି ହୋଇ ଧୂପ ସମାପନ ପରେ ମନ୍ଦିର ପରିସରରେ ଏକ ଧଉରା କାଠ ରଖାଯାଇଥିଲା। ମହାପ୍ରଭୁଙ୍କ ଆଜ୍ଞାମାଳ ନୂତନ କାଠରେ ବିଜେ କରାଯାଇ ପୂଜାପାଠ କରାଯାଇଥିଲା। ରଥ ନିର୍ମାଣ ବଡ଼େଇ ଜଗନ୍ନାଥ ମହାରଣା ଓ ଗୌରାଙ୍ଗ ସ୍ୱାଇଁ ରଥ ଅନୁକୂଳ କରିଥିଲେ। ପୂଜକ ଅରୂପା ନନ୍ଦ ମହାପାତ୍ର ଓ ଅକ୍ଷୟ ମହାପାତ୍ର ପୂଜା କରିଥିଲେ। ମୁଖ୍ୟ ପରିଚାଳକ ରମାକାନ୍ତ ପଟ୍ଟଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ।

ଗବେଷକ ଗୋପାଳକୃଷ୍ଣ ଦାସଙ୍କ ମତରେ, ଗଜପତି ପ୍ରଥମ ରାମଚନ୍ଦ୍ରଦେବ ଖ୍ରୀ. ୧୫୬୮ରେ ଗଡ଼ଖୋର୍ଦ୍ଧାରେ ଓଡ଼ିଶାର ରାଜଧାନୀ ସ୍ଥାପନା କରିଥିଲେ। ପରେ ଖ୍ରୀ. ୧୫୭୫ରେ କୁଜଙ୍ଗଗଡ଼ରୁ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ଅଣାଇ ଗଡ଼ଖୋର୍ଦ୍ଧା ସ୍ଥିତ ମନ୍ଦିରରେ ନବକଳେବ କରାଇ କଳାପାହାଡ଼ ଆକ୍ରମଣ ଯୋଗୁ ୮ବର୍ଷ ଶୂନ୍ୟ ରହିଥିବା ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କୁ ପୁନଃ ଶ୍ରୀମନ୍ଦିରରେ ସ୍ଥାପନା କରାଇଥିଲେ। ଏଥିଲାଗି ଗଜପତି ରାମଚନ୍ଦ୍ର ଦେବଙ୍କୁ ଶ୍ରୀମନ୍ଦିର ସେବାୟତ ଓ ଷୋଳଶାସନ ବ୍ରାହ୍ମଣ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଭାବେ ବିଭୂଷିତ କରିଥିଲେ ବୋଲି ଐତିହାସିକ କେଦାରନାଥ ମହାପାତ୍ରଙ୍କ 'ଖୁରୁଧା ଇତିହାସ' ପୁସ୍ତକରେ ସବିଶେଷ ବର୍ଣ୍ଣନା ରହିଛି।

